# କଟକ ମହାନଗର ନିଗମ

## ଲାଇସେନସ୍ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟିର ୨୬ତମ ବୈଠକର ବିବରଣୀ

### ତା-୦୪-୦୭-୨୦୧୬, ସମୟ ଅପରାହ୍ନ-୦୩.୦୦ ଘଟିକା

### ସ୍ଥାନ-କଟକ ମହାନଗର ନିଗମ

**ଉପସ୍ଥିତ ସଭ୍ୟ/ସଭ୍ୟା**

୧. ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା -ଅଧକ୍ଷ
୨. ସୁଶ୍ରୀ ଇତିଶ୍ରୀ ବେହେରା -ସଭ୍ୟା
୩. ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ-ସଭ୍ୟ
୪. ଶ୍ରୀଯୁକ୍ତ ଜୟଦେବ ଜେନା - ସଭ୍ୟ
୫. ସୁଶ୍ରୀ ନମିତା ଦାସ - ସଭ୍ୟା
୬. ଶ୍ରୀଯୁକ୍ତା ଅନିତା ନାୟକ - ସଭ୍ୟା
୭. ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା - ସଭ୍ୟ

**ଉପସ୍ଥିତ ପଦାଧିକାରୀ**

୧. ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ-କମିଶନର
୨. ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ-ଡ଼େପୁଟି କମିଶନର
୩. ଶ୍ରୀଯୁକ୍ତ ମନୋଜ କୁମାର ବେହେରା
୪. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ-ଉପ ସଚିବ
୫. ଶ୍ରୀମତୀ ନମିତା ବିଶ୍ୱାଳ-ସଚିବ
୬. ଶ୍ରୀଯୁକ୍ତ ନାରାୟଣ ସାହୁ-ଲାଇସେନ୍ସ ମୋହରୀର
୭. ଶ୍ରୀଯୁକ୍ତ ବିଜୟ କେତନ ନାୟକ- ଲାଇସେନ୍ସ ମୋହରୀର
୮. ଶ୍ରୀଯୁକ୍ତ ଦେବେନ୍ଦ୍ର ନାଥ ସାହୁ-ଲାଇସେନ୍ସ ମୋହରୀର
୯. ଶ୍ରୀଯୁକ୍ତ ବ୍ରଜ ମୋହନ ମହାପାତ୍ର- ଲାଇସେନ୍ସ ବିଭାଗ
୧୦. ଶ୍ରୀଯୁକ୍ତ ପ୍ରତାପ କୁମାର ଦାସ- ଲାଇସେନ୍ସ ବିଭାଗ
୧୧. ଶ୍ରୀଯୁକ୍ତ ରଂଜିତ କୁମାର ସାହୁ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ
୧୨. ଶ୍ରୀଯୁକ୍ତ ରବି ନାରାୟଣ ସାମନ୍ତରାୟ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ
୧୩. ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ସାହୁ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ
୧୪. ଶ୍ରୀଯୁକ୍ତ ପଂଚାନନ ପାଲ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ

ଅଦ୍ୟ ତା ୦୪.୦୭.୨୦୧୬ ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ନିଗମର ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟିର ୨୬ତମ ବୈଠକ କମିଟିର ଅଧକ୍ଷ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଉପସ୍ଥିତ ଥିବା ସଦସ୍ୟ / ସଦସ୍ୟା ତଥା ଅଧିକାରୀ ମାନଙ୍କୁ ସ୍ୱାଗତ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ପୂର୍ବରୁ ଅଧକ୍ଷ ନୂତନ ଭାବେ ଲାଇସେନ୍ସ ବିଭାଗର ଦାୟୀତ୍ୱରେ ରହିଥିବା ଉପ ଆୟୁକ୍ତ ଶ୍ରୀ ମନୋଜ କୁମାର ବେହେରାଙ୍କୁ ସ୍ୱଗତ କରିଥିଲେ । ଲାଇସେନ୍ସ ବିଭାଗର ବିଭିନ୍ନ ସୂତ୍ରରୁ ବକେୟା ରହିଥିବା ଦେୟକୁ ତ୍ୱରାନ୍ୱିତ କରାଯାଇ, ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏହାର ଆଦାୟ ନିମନ୍ତେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଆଗତ ସହ, କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ନିଗମର ବିଭିନ୍ନ ଅଂଚଳରେ ହୋଡ଼ିଙ୍ଗ ପଦର୍ଶନ କରୁଥିବା ବିଭିନ୍ନ ସଂସ୍ଥା ଉପରେ ଥିବା ବକେୟା ଲାଇସେନ୍ସ ଫିର ଆଦାୟ ନିମନ୍ତେ, ସମ୍ପୃକ୍ତ ସଂସ୍ଥା ମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅଭିଯୋଗ ଗୁଡ଼ିକର ଅନୁଧାନ ଏବଂ ରେକର୍ଡ଼ ପତ୍ର ଗୁଡ଼ିକ ବିଧିବଦ୍ଧ ଭାବେ ଯାଂଚ କରାଯିବା ନିମନ୍ତେ ଗତ ତା ୧୧.୦୯.୨୦୧୫ରିଖ ବୈଠକରେ ଏକ କମିଟି ଗଠନ କରାଯାଇଥିବା ଦୃଷ୍ଟିରୁ, ଏହି କମିଟି ଦ୍ୱାରା ସମ୍ପୃକ୍ତ ସଂସ୍ଥାଙ୍କ ଡ଼କୁମେଣ୍ଟ ଗୁଡ଼ିକ ଯାଂଚ କରାଯାଇ ସମ୍ପୃକ୍ତ ସଂସ୍ଥାଙ୍କ ଉପସ୍ଥିତିରେ ସଂଶୋଧିତ ଡ଼ିମାଣ୍ଡ ନୋଟିସ ପ୍ରସ୍ତୁତ କରାଯାଇ, କମିଟିର ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯିବା ନିମନ୍ତେ ସ୍ଥିର କରାଗଲା ।

୨. ଯେଉଁ ବିଜ୍ଞାପନ ସଂସ୍ଥାଙ୍କର DTA ସଂସ୍ଥାଙ୍କ ସହିତ କୌଣସି Dispute ନଥିବ ସେମାନଙ୍କୁ ଡ଼ିମାଣ୍ଡ ନୋଟିସ ପ୍ରଦାନ କରାଯାଇ, ଯଥାଶିଘ୍ର ବକେୟା ଦେୟ ଆଦାୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୩. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନିଗମ ଅଂଚଳରେ ହୋଡ଼ିଂଗସ/ ବୁଲେଟିନ/ କିଓସ୍କୋ ମାଧ୍ୟମରେ ବିଜ୍ଞାପନ ପଦର୍ଶନ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଚିଠା ଟେଣ୍ଡର ଡ଼କୁମେଣ୍ଟ ସହିତ ଧାର୍ଯ୍ୟ କରାଯାଇଥିବା ଅନ୍ୟାନ୍ୟ Terms & Conditions ଏକ ନକଲ ବୈଠକରେ ଉପସ୍ଥାପନା କରାଯାଇଥିଲା । ପ୍ରସ୍ତୁତ କରାଯାଇଥିବା ଚିଠା ଡ଼କୁମେଣ୍ଟରେ କେତେକ ସଂଶୋଧନ ପ୍ରସ୍ତାବ ଅଣାଯାଇ, ନିଗମ ଅଂଚଳରେ Zonal ଭିତିରେ ବିଜ୍ଞାପନ ପଦର୍ଶନ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯିବା ନିମନ୍ତେ ସ୍ଥିର କରାଗଲା । କମିଟିର ଆସନ୍ତା ବୈଠକ ରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ନିମନ୍ତେ ମଧ ସ୍ଥିର କରାଗଲା ।

୪. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନିଗମର ବିଭିନ୍ନ ଅଂଚଳରେ ପଦର୍ଶନ କରାଯାଉଥିବା Headless Hoardings ଗୁଡ଼ିକ ଯଥାଶିଘ୍ର ଉଚ୍ଛେଦ କରାଯିବା ନିମନ୍ତେ ସ୍ଥିର କରାଗଲା ।

୫. ନିଗମର ବିଭିନ୍ନ ଅଂଚଳରେ ଟେଲିଫୋନ ଟାୱାର ସ୍ଥାପନ ନିମନ୍ତେ ବିଭିନ୍ନ କମ୍ପାନି ମାନଙ୍କୁ ନିୟମ ଅନୁଯାୟୀ ଅନୁମତି ପ୍ରଦାନ ନିମନ୍ତେ ପ୍ରାପ୍ତ ହୋଇଥିବା ଆବେଦନ ପତ୍ର ଗୁଡ଼ିକର ଏକ ତାଲିକା ଆସନ୍ତା ବୈଠକରେ ଉପସ୍ଥାପନ କରାଯିବା ନିମନ୍ତେ ସ୍ଥିର କରାଗଲା । ସେହିପରି ନିୟମ ଅନୁଯାୟୀ Renewal କରାଯିବା ନିମନ୍ତେ ସମ୍ପୃକ୍ତ ସଂସ୍ଥା ମାନଙ୍କୁ ଯଥାଶିଘ୍ର ଡ଼ିମାଣ୍ଡ ନୋଟିସ ପ୍ରଦାନ କରାଯିବା ନିମନ୍ତେ ମଧ ସ୍ଥିର କରାଗଲା । ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇ ସମ୍ପୃକ୍ତ କମ୍ପାନି ମାନଙ୍କ ଦ୍ୱାରା ଟାୱାର ସ୍ଥାପନ ନିମନ୍ତେ ଅନୁମତି ପ୍ରଦାନ ଉଦ୍ଦେଶ୍ୟରେ ଆଗତ କରାଯାଇଥିବା ନୂତନ ପ୍ରସ୍ତାବ ଗୁଡ଼ିକ ଯନ୍ତ୍ରୀ ବିଭାଗ ଦ୍ୱାରା ତ୍ୱରାନ୍ୱିତ କରାଯିବାକୁ ସ୍ଥିର କରାଗଲା ।

୬. ୨୦୧୬-୧୭ ଆର୍ଥିକ ବର୍ଷର ଜୁନ ମାସ ସୁଦ୍ଧା ଲାଇସେନ୍ସ ବିଭାଗ ଦ୍ୱାରା ବିଭିନ୍ନ ସୁତ୍ରରୁ ଆୟର ସମିକ୍ଷା କରାଯାଇଥିଲା । ଏହାର ବିଷଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**Collection figure of Licence Section during-2016-17 upto end of June-2016**

| Sl. No. | Name of the Trades | Previous months Collection in 2016-17 upto end of May-2016 | Collection in the Month of June-2016 | Progressive Collection in 2016-17 |
|---|---|---|---|---|
| 1. | DOT | 8,05,102.00 | 1,98,495.00 | 10,03,597.00 |
| 2. | Shop Room Rent | 4,72,209.00 | 1,00,451.00 | 5,72,660.00 |
| 3. | Quarter Rent | 7,238.00 | 4,950.00 | 12,188.00 |
| 4. | Cabin | 16,199.00 | 2,640.00 | 18,839.00 |
| 5. | Auction Sale | 1,24,322.00 | - | 1,24,322.00 |
| 6. | Misc. Collection | 7,15,093.00 | 5,20,360.00 | 12,35,453.00 |
| 7. | Hoardings | 4,28,346.00 | 9,200.00 | 4,37,546.00 |
| 8. | Vending Zones | - | 900.00 | 900.00 |
| | **Total** | **Rs. 25,68,509.00** | **Rs. 8,36,896.00** | **Rs. 34,05,405.00** |

ସେହିପରି ନିଗମର କଲ୍ୟାଣ ମଣ୍ଡପ ଏବଂ ସହିଦ ଭବନର ଭଡ଼ା ବାବଦରେ ଜୁନ ମାସ ସୁଦ୍ଧା ୨୦୧୬-୧୭ ଆର୍ଥିକ ବର୍ଷ ମଧରେ ନିମ୍ନଲିଖିତ ଆୟ ହୋଇଥିବାର ସୂଚନା ପ୍ରଦାନ କରାଯାଇଥିଲା ।

| | | |
|---|---|---|
| କଲ୍ୟାଣ ମଣ୍ଡପ (ଉଭୟ ମହଲା) | - | ଟ. ୧୯,୩୪,୫୧୫.୦୦ |
| ସହିଦ ଭବନ | - | ଟ. ୯,୦୪,୬୨୫.୦୦ |
| ମୋଟ | - | ଟ. ୨୮,୩୯,୧୪୦.୦୦ |

ପୂର୍ବପରି ଲାଇସେନ୍ସ ବିଭାଗର ପ୍ରତ୍ୟେକ ମାସରେ ବିଭିନ୍ନ ସୁତ୍ରରୁ ଆୟର ବିବରଣୀ ଅନୁଷ୍ଠିତ ହେଉଥିବା ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଉପସ୍ଥାପନ କରାଯାଇ ସମିକ୍ଷା କରାଯିବାକୁ ସ୍ଥିର କରାଗଲା ।

୭. ପୂର୍ବରୁ ଗତ ତା ୦୬.୦୭.୨୦୧୫ରିଖ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ନିଗମର ନିମ୍ନଲିଖିତ ସ୍ଥାନ ଗୁଡ଼ିକ "NO HOARDING ZONE" ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ଦୃଷ୍ଟିରୁ, ସମ୍ପୃକ୍ତ ସଂସ୍ଥା ମାନଙ୍କ ଦ୍ୱାରା ଏହି ଅଂଚଳରେ ପଦର୍ଶନ କରାଯାଉଥିବା ହୋଡ଼ିଂଗସ ଗୁଡ଼ିକ ଯଥାଶିଘ୍ର ଉଠାଯିବା ନିମନ୍ତେ, ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ସ୍ଥିର କରାଗଲା ।

**"NO HOARDING ZONE"**

1. Satichoura Chhaka to Sector-10 (Petanal) Road
2. Chandi Mandir Chhaka (Only ground)
3. In and around High Court.
4. Infront of Schools & Colleges.
5. Infront of GPO and Chandini Chowk Post Office.

6. Infront of and adjacent to major Parks of CMC.
7. Near the boundary wall of SCB Medical College, City Hospital and all Govt. Hospitals.
8. Near the different statues installed by CMC
9. Road from DRDA Office to Sishu Bhawan.
10. Adjacent to Gadakhai.
11. Fort area notified by ASI.
12. Infront of Churches, Musjids and Temples.

୮. ଯଥାଶିଘ୍ର DTA ସଂସ୍ଥାଙ୍କ ଉପସ୍ଥିତିରେ ଏକ ବୈଠକ ଡ଼କାଯାଇ, ଉକ୍ତ ସଂସ୍ଥାଙ୍କ ଦ୍ୱାରା ଦର୍ଶାଯାଇଥିବା Dispute ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ, ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯିବା ନିମନ୍ତେ ସ୍ଥିର କରାଗଲା ।

୯. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ନିଗମ ଅଧିନରେ ରହିଥିବା ୮୫୪ଟି ଦୋକାନ ଗୃହ ମଧ୍ୟରୁ ବର୍ତମାନ ସୁଦ୍ଧା ଖାଲିଥିବା ୩୩ଟି ଦେକାନ ଗୃହକୁ ବାଦ ଦିଆଯାଇ, ୨୮୦ଟି ଦୋକାନ ଗୃହ ନିମନ୍ତେ ନୂତନ ଚୁକ୍ତିନାମା ସ୍ୱାକ୍ଷରିତ ନିମନ୍ତେ ପ୍ରାପ୍ତ ହୋଇଥିବାରୁ, ନିଗମର ଲାଇସେନ୍ସ ବିଭାଗ ଦ୍ୱାରା ସେମାନଙ୍କର Original Allotment ଗୁଡ଼ିକ ତଦାରଖ କରାଯାଇ, ନୂତନ ଚୁକ୍ତିନାମା ସ୍ୱାକ୍ଷରିତ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥିର କରାଗଲା । ସେହିପରି ଯଥାଶିଘ୍ର ଅବଶିଷ୍ଟ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ନିମନ୍ତେ ନୂତନ ଚୁକ୍ତିନାମା ସ୍ୱାକ୍ଷରିତ ନିମନ୍ତେ ପଦକ୍ଷେପ ଏବଂ ବକେୟା ରହିଥିବା ଘରଭଡ଼ା ଆଦାୟ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବାକୁ ସ୍ଥିର କରାଗଲା । ନିଗମର ଅନୁମୋଦନରେ ଚୁକ୍ତି ସ୍ୱାକ୍ଷରିତ କରାଯାଇନଥିବା ଦୋକାନ ଗୃହ ଗୁଡ଼ିକର ଆବଣ୍ଟନ ମଧ ରଦ୍ଦ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୧୦. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ନିଗମ ଅଧିନରେ ରହିଥିବା ଦୋକାନ ଗୃହ ଗୁଡ଼ିକର ବର୍ତମାନର ଅବସ୍ଥା ଅନୁଧ୍ୟାନ କରାଯିବା ନିମନ୍ତେ ସର୍ଭେ କରାଯାଇ, ଯଥାଶିଘ୍ର ଏକ ରିପୋର୍ଟ ପ୍ରସ୍ତୁତ କରାଯିବା ନିମନ୍ତେ ସ୍ଥିର କରାଗଲା । ସେହିପରି ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଗଠିତ କମିଟି ଦ୍ୱାରା ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ରହିଥିବା ଦୋକାନ ଗୃହ ଗୁଡ଼ିକର ଭଡ଼ା ପୁର୍ନ ନିର୍ଦ୍ଧାରଣ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୧୧. ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ଜଣକ ନାମରେ ଏକାଧିକ ଦୋକାନ ଗୃହ ରହିଥିବା କ୍ଷେତ୍ରରେ, ପୂର୍ବ ରେକର୍ଡ଼କୁ Verify କରାଯାଇ ଆବଣ୍ଟନର କାରଣ ଅନୁଧ୍ୟାନ ସହିତ ଏକ ରିପୋର୍ଟ କମିଟି ବୈଠକରେ ଉପସ୍ଥାପନ କରାଯିବା ନିମନ୍ତେ ସ୍ଥିର କରାଯିବା ସହିତ, ଏହି କ୍ଷେତ୍ରରେ ପ୍ରଥମେ ବକେୟା ରହିଥିବା ଘରଭଡ଼ାକୁ ସମ୍ପୂର୍ଣ୍ଣ ରୂପେ ଆଦାୟ କରାଯିବା ନିମନ୍ତେ ସ୍ଥିର କରାଗଲା । କେବଳ ଗୋଟିଏ ଦୋକାନ ଗୃହକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ରଖାଯାଇ ଅନ୍ୟ ଦୋକାନ ଗୃହ ଗୁଡ଼ିକ ସମ୍ପୃକ୍ତ ବ୍ୟକ୍ତିଙ୍କ ଦ୍ୱାରା Surrender କରାଯାଇ ଉକ୍ତ ଆବଣ୍ଟନକୁ ନାକଚ କରାଯିବା ନିମନ୍ତେ ସ୍ଥିର କରାଗଲା । ନାକଚ କରାଯାଇଥିବା ଦୋକାନ ଗୃହ ଗୁଡ଼ିକ Open Advertisement ମାଧ୍ୟମରେ Fresh Allotement କରାଯିବାକୁ ମଧ ସୁପାରିଶ କରାଗଲା ।

୧୨. ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ କେତେକ ଦୋକାନ ଗୃହ ଜବର ଦଖଲରେ ରହିଥିବାର ଅଭିଯୋଗର ପ୍ରାପ୍ତ ହୋଇଥିବାରୁ, ଯଥାଶିଘ୍ର ଏଥିପାଇଁ FIR ଦାୟର କରାଯାଇ, ଏ ସମ୍ପର୍କରେ ଏକ ବିଷଦ ରିପୋର୍ଟ କମିଟି ବୈଠକରେ ଉପସ୍ଥାପନ କରାଯିବାକୁ ସ୍ଥିର କରାଗଲା ।

୧୩. ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ କେତେକ ଦୋକାନ ଗୃହର ସମ୍ମୁଖ ଭାଗରେ ବିନା ଅନୁମତିରେ ବର୍ଦ୍ଧିତ କରାଯାଇଥିବାର ଅଭିଯୋଗ ପ୍ରାପ୍ତ ହୋଇଥିବାରୁ, ଯଥାଶିଘ୍ର ଏ ଗୁଡ଼ିକ ଭଙ୍ଗାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ ସହିତ ଏ ସମ୍ପର୍କରେ FIR ଦାୟର କରାଯିବା ନିମନ୍ତେ ମଧ ସ୍ଥିର କରାଗଲା ।

୧୪. କେବଳ ଉତରାଧିକାରୀ ଭିତିରେ ଦୋକାନ ଗୃହ ଗୁଡ଼ିକର ଆବଣ୍ଟନ ନାମକୁ ପରିବର୍ତନ କରାଯିବାକୁ ଆବେଦନ ପ୍ରାପ୍ତ ହୋଇଥିଲେ, ସମ୍ପୃକ୍ତ Legal Heir Certificate, Affidavit, NOC ଗୁଡ଼ିକ ଭିତି କରାଯାଇ, ଲାଇସେନ୍ସ ବିଭାଗ ଦ୍ୱାରା କ୍ଷେତ୍ର ପରିଦର୍ଶନ ସହ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୧୫. ଅବଶିଷ୍ଟ ଦୋକାନ ଗୃହ ଗୁଡ଼ିକ ନିମନ୍ତେ ନୂତନ ଚୁକ୍ତିନାମା ସ୍ୱାକ୍ଷର ନିମନ୍ତେ ଏକ ନିର୍ଦ୍ଧାରିତ ସମୟସୀମା ଧାର୍ଯ୍ୟ କରାଯାଇ, ଖବର କାଗଜ ମାଧ୍ୟମରେ ଏକ ବିଜ୍ଞପ୍ତି ପ୍ରକାଶ କରାଯିବା ନିମନ୍ତେ ସ୍ଥିର କରାଗଲା ।

୧୬. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ବିଭିନ୍ନ ମାର୍କେଟ କମ୍ପଲେକ୍ସ ମଧ୍ୟରେ ପୂର୍ବରୁ ପ୍ରଦାନ କରାଯାଇଥିବା ଦୋକାନ ଗୃହ ଗୁଡ଼ିକର Original Allottee ନମିଳିବା କ୍ଷେତ୍ରରେ ଉକ୍ତ ଦୋକାନ ଗୃହ ଗୁଡ଼ିକର Allottment ଗୁଡ଼ିକ ନାକଚ କରାଯିବା ସହିତ, ଖବର କାଗଜ ମାଧ୍ୟମରେ ବିଜ୍ଞାପନ ପ୍ରକାଶନ କରାଯାଇ, ଉକ୍ତ ଦୋକାନ ଗୃହ ଗୁଡ଼ିକର Fresh Allottment ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯିବା ନିମନ୍ତେ ସ୍ଥିର କରାଗଲା ।

୧୭. ପିପିପି ମାଧ୍ୟରେ ବିଭିନ୍ନ ସ୍ଥାନରେ ବସଷ୍ଟପ ନିର୍ମାଣ ସହ, ବିଜ୍ଞାପନ ପଦର୍ଶନ ନିମନ୍ତେ ବିଭିନ୍ନ ସଂସ୍ଥାଙ୍କୁ ପୂର୍ବରୁ ଅନୁମତି ପ୍ରଦାନ କରାଯାଇଥିବା ଦୃଷ୍ଟିରୁ ୨୦୧୫-୧୬ ଆର୍ଥିକ ବର୍ଷ ସୁଦ୍ଧା ସମ୍ପୃକ୍ତ ସଂସ୍ଥା ମାନଙ୍କୁ ଡ଼ିମାଣ୍ଡ ନୋଟିସ ପ୍ରଦାନ ସହିତ ବକେୟା ଦେୟର ଆଦାୟ ଏବଂ ସମ୍ପୃକ୍ତ ସଂସ୍ଥାମାନେ ପ୍ରଦାନ କରାଯିବା ଅଭିଯୋଗ ଗୁଡ଼ିକର ପୁର୍ନବିଚାର କରାଯିବା ନିମନ୍ତେ ସ୍ଥିର କରାଗଲା ।

୧୮. ବିଭିନ୍ନ ଅଂଚଳରେ ରହିଥିବା ଭେଣ୍ଡିଙ୍ଗ ଯୋନ ଏବଂ ଦୋକାନ ଆବଣ୍ଟନ ସମ୍ପର୍କରେ କମିଟିର ଆସନ୍ତା ବୈଠକରେ ବିସ୍ତୃତ ଆଲୋଚନା କରାଯିବା ନିମନ୍ତେ ସ୍ଥିର କରାଗଲା ।

୧୯. ରାମ ଶଙ୍କର ମାର୍କେଟ କମ୍ପଲେକ୍ସ ମଧ୍ୟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଦୋକାନ ଗୃହ ଗୁଡ଼ିକ, ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାଇ ଆବଣ୍ଟନ କରାଯିବା ପରେ ଅବଶିଷ୍ଟ ଦୋକାନ ଗୃହ ଗୁଡ଼ିକ ବିଜ୍ଞାପନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇ ଆବଣ୍ଟନ କରାଯିବାକୁ ସ୍ଥିର କରାଗଲା ।

୨୦. ବିଜୁ ପଟ୍ଟନାୟକ ଛକ ମାର୍କେଟ କମ୍ପଲେକ୍ସ ମଧ୍ୟରେ ଦୋକାନ ଗୃହ ନଂ-୭ର ଆବଣ୍ଟନ ନିମନ୍ତେ ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ, ନିୟମ ଅନୁଯାୟୀ ଖବର କାଗଜ ମାଧ୍ୟମରେ ବିଜ୍ଞାପନ ପ୍ରକାଶ କରାଯାଇ ଖାଲିଥିବା ଦେକାନ ଗୃହ ଗୁଡ଼ିକ ଆବଣ୍ଟନ କରାଯିବାକୁ ସ୍ଥିର କରାଗଲା ।

୨୧. ନିଗମର ବିଭିନ୍ନ ଅଂଚଳରେ Optical Fibre Cable (OFC) ସ୍ଥାପନ କାର୍ଯ୍ୟ ନିମନ୍ତେ ବିଭିନ୍ନ କମ୍ପାନି ମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ପ୍ରସ୍ତାବ ଗୁଡ଼ିକ ନିଗମର ଲାଇସେନ୍ସ ତଥା ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରାଯାଇ, ଏହି କାର୍ଯ୍ୟ ନିମନ୍ତେ NOC ପ୍ରଦାନ ଏବଂ ଡ଼ିମାଣ୍ଡ ନୋଟିସ ମାଧ୍ୟମରେ ସମ୍ପୃକ୍ତ ସଂସ୍ଥାଙ୍କ ଠାରୁ ଧାର୍ଯ୍ୟ ଲାଇସେନ୍ସ ଫି ଆଦାୟ କରାଯିବାକୁ ସ୍ଥିର କରାଗଲା । ପୂର୍ବରୁ ପ୍ରଦାନ କରାଯାଇଥିବା ଡ଼ିମାଣ୍ଡ ନୋଟିସ ଅନୁଯାଇ ସମ୍ପୃକ୍ତ ସଂସ୍ଥାଙ୍କ ଠାରୁ ଆଦାୟ କରାଯାଇଥିବା ଲାଇସେନ୍ସ ଫି ସମ୍ପର୍କରେ ସମସ୍ତ ତଥ୍ୟ ଉପସ୍ଥାପନା କରାଯାଇ କମିଟିର ଆସନ୍ତା ବୈଠକରେ ସମିକ୍ଷା କରାଯିବା ନିମନ୍ତେ ସ୍ଥିର କରାଗଲା ।

୨୨. ନିଗମର ଲାଇସେନ୍ସ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧାନ କରାଯାଇ ଚଳିତ ଆର୍ଥିକ ବର୍ଷ ୨୦୧୬-୧୭ ନିମନ୍ତେ ପୂର୍ବ ବର୍ଷର ଆଧାରରେ ସିମିତ ସଂଖ୍ୟକ Carriage Licence Token ପ୍ରସ୍ତୁତ କରାଯିବା ନିମନ୍ତେ ସ୍ଥିର କରାଗଲା । ଚଳିତ ବର୍ଷ ଠାରୁ କୁକୁର ଲାଇସେନ୍ସ ଫିକୁ ଟ. ୨୫.୦୦ ରୁ ଟ. ୧୦୦.୦୦କୁ ଏବଂ ରିକ୍ସା, ଟ୍ରଲି ଏବଂ ଠେଲା ଗାଡ଼ି ନିମନ୍ତେ ଲାଇସେନ୍ସ ଫିକୁ ଟ. ୪୦.୦୦ ରୁ ଟ. ୫୦.୦୦କୁ ବୃଦ୍ଧି କରାଯିବା ନିମନ୍ତେ ସୁପାରିଶ କରାଗଲା । ପ୍ରତ୍ୟେକ ବର୍ଷ ନୂତନ ଆର୍ଥିକ ବର୍ଷର ଆରମ୍ଭରୁ ବିଭିନ୍ନ Carriage Licence ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଗଲା ।

ପରିଶେଷରେ ଉପସ୍ଥିତ ଥିବା ସଦସ୍ୟ / ସଦସ୍ୟା ମାନଙ୍କୁ ଧନ୍ୟବାଦ ଅର୍ପଣ ସହ ସଭା ସାଙ୍ଗ କରାଯାଇଥିଲା

(ବିକାଶ ରଞ୍ଜନ ବେହେରା )
ଅଧ୍ୟକ୍ଷ
ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ-୧ ଓ ୨ / ସେକ୍ରେଟେରୀ / ବସ୍ତି ଉନ୍ନୟନ ଅଧିକାରୀ / ରିକଭରୀ ଅଫିସର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍.ଆଇ.ଏସ୍. ସେଲ କୁ ପ୍ରଦାନ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

# କଟକ ମହାନଗର ନିଗମ

## ଲାଇସେନସ୍ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟିର ୨୭ତମ ବୈଠକର ବିବରଣୀ

### ତା-୧୬-୦୭-୨୦୧୬, ସମୟ ଅପରାହ୍ଣ-୦୩.୦୦ ଘଟିକା

### ସ୍ଥାନ-କଟକ ମହାନଗର ନିଗମ

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

୧. ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା -ଅଧକ୍ଷ
୨. ସୁଶ୍ରୀ ଇତିଶ୍ରୀ ବେହେରା -ସଭ୍ୟା
୩. ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ-ସଭ୍ୟ
୪. ଶ୍ରୀଯୁକ୍ତ ଜୟଦେବ ଜେନା - ସଭ୍ୟ
୫. ସୁଶ୍ରୀ ନମିତା ଦାସ - ସଭ୍ୟା
୬. ଶ୍ରୀଯୁକ୍ତା ଅନିତା ନାୟକ - ସଭ୍ୟା
୭. ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା - ସଭ୍ୟ

<u>ଉପସ୍ଥିତ ପଦାଧିକାରୀ</u>

୧. ଶ୍ରୀଯୁକ୍ତ ମନୋଜ କୁମାର ବେହେରା-ଉପ ଆୟୁକ୍ତ
୨. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ-ଉପ ସଚିବ
୩. ଶ୍ରୀ ନୃସିଂହ ଚରଣ ତ୍ରିପାଠୀ-ମୁଖ୍ୟ ସହାୟକ, ଲାଇସେନ୍ସ ବିଭାଗ
୪. ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ସାହୁ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ
୫. ଶ୍ରୀଯୁକ୍ତ ନାରାୟଣ ସାହୁ-ଲାଇସେନ୍ସ ମୋହରୀର
୬. ଶ୍ରୀଯୁକ୍ତ ବିଜୟ କେତନ ନାୟକ- ଲାଇସେନ୍ସ ମୋହରୀର
୭. ଶ୍ରୀଯୁକ୍ତ ଦେବେନ୍ଦ୍ର ନାଥ ସାହୁ-ଲାଇସେନ୍ସ ମୋହରୀର
୮. ଶ୍ରୀଯୁକ୍ତ ପ୍ରତାପ କୁମାର ଦାସ- ଲାଇସେନ୍ସ ବିଭାଗ
୯. ଶ୍ରୀଯୁକ୍ତ ରଂଜିତ କୁମାର ସାହୁ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ
୧୦. ଶ୍ରୀଯୁକ୍ତ ରବି ନାରାୟଣ ସାମନ୍ତରାୟ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ

ଅଦ୍ୟ ତା ୧୬.୦୭.୨୦୧୬ ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ନିଗମର ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟିର ୨୭ତମ ବୈଠକ କମିଟିର ଅଧକ୍ଷ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଉପସ୍ଥିତ ଥିବା ସଦସ୍ୟ / ସଦସ୍ୟା ତଥା ଅଧିକାରୀ ମାନଙ୍କୁ ସ୍ୱାଗତ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଆଗତ ସହ, କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ହୋଡିଙ୍ଗସ ଟେଣ୍ଡର ନିମନ୍ତେ ନିଗମର ସମସ୍ତ ଅଚଂଳକୁ ୫ଗୋଟି ଯୋନରେ ବିଭକ୍ତ କରାଯାଇ, ଯୋନଓ୍ୱାରୀ ଅଚଂଳ ଗୁଡିକର ଅନୁମୋଦନ ନିମନ୍ତେ କମିଟିର ଆସନ୍ତା ବୈଠକରେ ଉପସ୍ଥାପନା କରାଯିବାକୁ ସ୍ଥିର କରାଗଲା। ଯୋନଓ୍ୱାରୀ ବିଭକ୍ତିକରଣ କାର୍ଯ୍ୟକୁ ଡେପୁଟି କମିଶନର(୩) ଙ୍କ ତତ୍ୱାବଧାନରେ କରାଯିବା ନିମନ୍ତେ ସ୍ଥିର କରାଗଲା। ଏଥିପାଇଁ ଯଥାଶିଘ୍ର ସର୍ଭେ କାର୍ଯ୍ୟ ମଧ କରାଯିବା ନିମନ୍ତେ ସୁପାରିଶ କରାଗଲା। ଏଥପାଇଁ ପ୍ରତ୍ୟେକ ଯୋନରେ ପଦର୍ଶନ କରାଯାଉଥିବା ହୋଡିଂଙ୍ଗସ ଗୁଡିକର ଏକ ତାଲିକା ସମ୍ପୃକ୍ତ ସଂସ୍ଥାଙ୍କ ନାମ ସହିତ ପ୍ରସ୍ତୁତ କରାଯିବା ନିମନ୍ତେ ସ୍ଥିର କରାଗଲା। ସର୍ଭେ କରାଯାଉଥିବା ସମୟରେ ସମ୍ପୃକ୍ତ ହୋଡିଙ୍ଗସର କ୍ରମିକ ନମ୍ବର ପ୍ରଦାନ କରାଯାଇ ଏକ ରେଜିଷ୍ଟର ମଧରେ ଲିପିବଦ୍ଧ କରାଯିବା ନିମନ୍ତେ ସ୍ଥିର କରାଗଲା।

୨. ନିଗମର ବିନା ଅନୁମତିରେ ନିମ୍ନଲିଖିତ ସ୍ଥାନମାନଙ୍କରେ ନୂତନ ହୋଡିଙ୍ଗର ଗୁଡିକ ସ୍ଥାପନ କରାଯାଇଥିବାରୁ ଲାଇସେନ୍ସ ବିଭାଗ ସ୍କାର୍ଡ ଦ୍ୱାରା ଯଥାଶିଘ୍ର ଉକ୍ତ ସ୍ଥାନମାନଙ୍କରୁ ହୋଡିଙ୍ଗସ ଗୁଡିକ ଉଚ୍ଛେଦ କରାଯିବା ନିମନ୍ତେ ସ୍ଥିର କରାଗଲା।
୧. ଖାନନଗରସ୍ଥିତ ଓଭରବ୍ରିଜ ନିକଟସ୍ଥ ସ୍ଥାନ.
୨. ବାଲିଯାତ୍ରା ସ୍ୱାଗତ ତୋରଣ ପାର୍ଶ୍ୱବର୍ତି ସ୍ଥାନ.

୩. ବୁଲାଗୁନ ହେଟେଲ ପାର୍ଶବର୍ତି ସ୍ଥାନ.

୩. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ହୋଡିଙ୍ଗସ ଗୁଡିକରେ କୌଣସି ସଂସ୍ଥାଙ୍କ ନାମ ଦର୍ଶାଯାଇ ନଥିଲେ (Headless Hoardings) ସେଗୁଡିକ ଯଥାଶିଘ୍ର ଗଠିତ ସ୍କାର୍ଡ ମାଧ୍ୟମରେ ଉଚ୍ଛେଦ କରାଯିବା ନିମନ୍ତେ ସ୍ଥିର କରାଗଲା ।

୪. ନିଗମର ବିଭିନ୍ନ ସ୍ଥାନରେ ନୂତନ ଟାୱାର ସ୍ଥାପର ନିମନ୍ତେ ଯନ୍ତ୍ରୀ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟ ଆଧାରରେ, ଲାଇସେନ୍ସ ବିଭାଗର ଦାୟିତ୍ୱରେ ରହିଥିବା ଅଧିକାରୀଙ୍କ ଦ୍ୱାରା ଉକ୍ତ ଅଚଂଳରେ Physical Verification କାର୍ଯ୍ୟ କରାଯିବା ପରେ, ସମ୍ପୃକ୍ତ ସଂସ୍ଥାଙ୍କୁ ଡିମାଣ୍ଡ ନୋଟିସ ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଗଲା ।

୫. ନିଗମ ଅଧିନରେ ରହିଥିବା ଷ୍ଟାଫ୍ କ୍ୱାଟର ଗୁଡିକ ମଧ୍ୟରୁ ଅନେକ କ୍ୱାର୍ଟର ଗୁଡିକର ଆବଶ୍ୟକୀୟ ମରାମତି କାର୍ଯ୍ୟ ନିମନ୍ତେ, ଲାଇସେନସ୍ ବିଭାଗ ତଥା ଯନ୍ତ୍ରୀ ବିଭାଗ ଦ୍ୱାରା ଏକ Joint Survey କରାଯିବା ନିମନ୍ତେ ସ୍ଥିର କରାଗଲା । ଯେଉଁ ଅବସର ପ୍ରାପ୍ତ କର୍ମଚାରୀମାନେ ବର୍ତମାନ ସୁଦ୍ଧା ସେମାନଙ୍କର କ୍ୱାର୍ଟର ଗୁଡିକ ଛାଡି ନାହାନ୍ତି, ଯଥାଶିଘ୍ର Eviction Case ଆରମ୍ଭ କରାଯାଇ ସ୍ଥାନୀୟ ପୋଲିସ ଷ୍ଟେସନରେ ସେମାନଙ୍କ ନାମରେ FIR ଦାୟର କରାଯିବା ନିମନ୍ତେ ସ୍ଥିର କରାଗଲା ।

୬. ଅବସର ଗ୍ରହଣର ୧୨ବର୍ଷ ପରେ ଶ୍ରୀ ଜଗନ୍ନାଥ ସାହୁଙ୍କୁ ବର୍ଦ୍ଧିତ ହାରରେ ତାଙ୍କ ନାମରେ ଅବଣ୍ଟନ କରାଯାଇଥିବା କ୍ୱାଟର ନିମନ୍ତେ ଲାଇସେନସ୍ ଫି ପ୍ରଦାନ ନିମନ୍ତେ ନୋଟିସ୍ ପ୍ରଦାନ କରାଯାଇଥିବାରୁ, ନିୟମ ଅନଯାୟୀ ଲାଇସେନ୍ସ ବିଭାଗ ଦ୍ୱାରା ଏହାର ପୁର୍ନବିଚାର କରାଯିବା ନିମନ୍ତେ ସୁପାରିସ୍ କରାଗଲା ।

୭. ପୂର୍ବରୁ ଗହଣ କରାଯାଇଥିବା ନିଷ୍ପତି ଅନୁଯାୟୀ, ନିଗମ ଅଧିନରେ ରହିଥିବା ଦୋକାନ ଗୃହ ଗୁଡିକ ନିମନ୍ତେ ଚୁକ୍ତିନାମାର ନବୀକରଣ କରାଯିବା ପୂର୍ବରୁ ଖବରକାଗଜ ମାଧ୍ୟମରେ ଏହି ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ପ୍ରକାଶ କରାଯିବା ନିମନ୍ତେ ସ୍ଥିର କରାଗଲା ।

୮. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଗଠନ କରାଯାଇଥିବା କମିଟି ଦ୍ୱାରା ବିଭିନ୍ନ ମାର୍କେଟ କମ୍ପଲେକ୍ସ ମଧ୍ୟରେ ରହିଥିବା ଦୋକାନ ଗୃହଗୁଡିକର ଭଡା ବୃଦ୍ଧି ନିମନ୍ତେ ଲାଇସେନ୍ସ ଏବଂ ଯନ୍ତ୍ରୀ ବିଭାଗ ଦ୍ୱାରା ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୯. ନିଗମ ଅଚଂଳରେ ଟ୍ରେଡ୍ ଲାଇସେନ୍ସ ଆଦାୟ ନିମନ୍ତେ ନିଗମର ନିଜସ୍ୱ ବାଇଲ ରାଜ୍ୟ ସରାକାରଙ୍କ ଦ୍ୱାରା ଅନୁମୋଦନ କରାଯାଇନଥିବା ଦୃଷ୍ଟିରୁ, ଭୁବନେଶ୍ୱର ମହାନଗର ନିଗମର ଅନୁମୋଦନ କରାଯାଇଥିବା ବାଇଲର ଆଧାରରେ କଟକ ମହାନଗର ନିଗମର ବିଭିନ୍ନ ଅଚଂଳରୁ ଟ୍ରେଡ୍ ଲାଇସେନ୍ସ ଆଦାୟ କରାଯିବା ନିମନ୍ତେ ସୁପାରିଶ କରାଗଲା । ନିଗମ ଅଚଂଳର ବିଭିନ୍ନ ଶିଳ୍ପାଚଂଳ ମଧ୍ୟରେ ରହିଥିବା Industrial Units ମାନଙ୍କରୁ, ନିର୍ଦ୍ଧାରିତ ହାରରେ ଟ୍ରେଡ ଲାଇସେନ୍ସ ଆଦାୟ କରାଯିବା ନିମନ୍ତେ ମଧ ସୁପାରିଶ କରାଗଲା ।

ସର୍ବଶେଷରେ ଉପସ୍ଥିତଥିବା ସଦସ୍ୟ/ସଦସ୍ୟା ତଥା ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ ସହ ସଭା ସଂଘ କରଯାଇଥିଲା ।

(ବିକାଶ ରଞ୍ଜନ ବେହେରା)
ଅଧକ୍ଷ
ଲାଇସେନ୍ସ ଆଣ୍ଡ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

**ଜ୍ଞାପକ ସଂ** ତା

ଏହାର ଏକ କିତା ନକଲ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ-୧ ଓ ୨ / ସେକ୍ରେଟେରୀ / ବସ୍ତି ଉନ୍ନୟନ ଅଧିକାରୀ / ରିକଭରୀ ଅଫିସର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

**ଜ୍ଞାପକ ସଂ** ତା

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ

**ଜ୍ଞାପକ ସଂ** ତା

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍.ଆଇ.ଏସ୍. ସେଲ କୁ ପ୍ରଦାନ କରାଗଲା ।

ଉପ ସଚିବ

କଟକ ମହାନଗର ନିଗମ, କଟକ